# NATIONAL NEWS BULLETIN (ODIA)
## 4 May - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଗଣତି ପ୍ରକ୍ରିୟା ଜାରୀ ।

– ସ୍ୱାଧୀନତା ପରଠାରୁ ପ୍ରଥମଥର ଲାଗି ପଶ୍ଚିମବଙ୍ଗରେ ସରକାର ଗଠନ କରିବାକୁ ଯାଉଛି ବିଜେପି ।

– ଆସାମ ଓ ପୁଡୁଚେରୀରେ ବିଜେପି, କେରଳରେ ୟୁ.ଡି.ଏଫ୍. ଓ ତାମିଲନାଡୁରେ ଟି.ଭି.କେ.ର ବହୁମତ ହାସଲ ।

- ପଶ୍ଚିମବଙ୍ଗବାସୀଙ୍କର ସମସ୍ତ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ ବିଜେପି ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ।
- ଭାରତ-ଜାପାନ ଅର୍ଥନୈତିକ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରତିବଦ୍ଧତା ଦୋହରାଇଲେ ଦୁଇ ଦେଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ମୁମ୍ବାଇ ଇଣ୍ଡିଆନ୍ସ ।

## ଇଲେକ୍‌ସନ୍ କାଉଣ୍ଟିଂ

ପଶ୍ଚିମବଙ୍ଗ, ଆସାମ, କେରଳମ୍, ତାମିଲନାଡୁ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଗଣତି ପ୍ରକ୍ରିୟା ଜାରି ରହିଛି । ମିଳିଥିବା ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ବିଜେପି ଆଗୁଆ ରହିଛି । ସେହିଭଳି ତାମିଲନାଡୁରେ ବିଶିଷ୍ଟ ଅଭିନେତା ବିଜୟଙ୍କର ଟି.ଭି.କେ. ଦଳକୁ ସଫଳତା ମିଳିବାରେ ଲାଗିଛି । କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. କେରଳରେ ଆଗୁଆ ଥିବା ଜଣାପଡ଼ିଛି । ଏତଦ୍‌ବ୍ୟତୀତ ଗୁଜରାଟ, ତ୍ରିପୁରା ଓ ନାଗାଲାଣ୍ଡରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ବିଜେପି ଗୋଟିଏ ଲେଖାଏଁ ଆସନରେ ବିଜୟ ହୋଇଥିବା ବେଳେ କର୍ଣ୍ଣାଟକର ଆସନଟି କଂଗ୍ରେସକୁ ମିଳିଛି ।

ସ୍ୱାଧୀନତା ପରଠାରୁ ପ୍ରଥମଥର ଲାଗି ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରି ଇତିହାସ ସୃଷ୍ଟି କରିବାକୁ ଯାଉଛି । ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ପରେ ଅନୁଷ୍ଠିତ ପ୍ରଥମ ବିଧାନସଭା

ନିର୍ବାଚନରେ ଗତ ୧୫ ବର୍ଷ ଧରି ଶାସନ କରୁଥିବା ତୃଣମୂଳ କଂଗ୍ରେସର ପରାଜୟ ହୋଇଛି । ପଶ୍ଚିମବଙ୍ଗର ମୋଟ୍ ୨୯୩ଟି ବିଧାନସଭା ଆସନ ମଧ୍ୟରୁ ୧୦୪ଟି ଆସନର ଫଳାଫଳ ଘୋଷଣା କରାଯାଇଛି । ବିଜେପି ସେଥିମଧ୍ୟରୁ ୭୨ଟିରେ ବିଜୟୀ ହୋଇଥିବା ବେଳେ ତୃଣମୂଳ କଂଗ୍ରେସକୁ ୨୯ଟି ମିଳିଛି । ଏହାଛଡ଼ା ବିଜେପି ୧୩୨ଟି ଆସନରେ ଆଗକୁଆ ଥିବା ବେଳେ ୫୪ଟି ଆସନରେ ଟି.ଏମ୍.ସି. ଆଗୁଆ ରହିଛି । କଂଗ୍ରେସ, ସି.ପି.ଏମ୍. ଏବଂ ଅନ୍ୟାନ୍ୟ ଗୋଟିଏ ଲେଖାଏଁ ଆସନରେ ଆଗୁଆ ଥିବା ସୂଚନା ମିଳିଛି ।

ଭବାନୀପୁର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ତଥା ଟି.ଏମ୍.ସି. ନେତା ମମତା ବାନାର୍ଜୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପିର ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ଆଗୁଆ ରହିଛନ୍ତି । ତେବେ ନନ୍ଦିଗ୍ରାମ ଆସନରେ ଶୁଭେନ୍ଦୁ ଅଧିକାରୀ ଆଗୁଆ ଥିବା ଜଣାପଡ଼ିଛି । କଂଗ୍ରେସ ନେତା ଅଧିର ରଂଜନ ଚୌଧୁରୀ ବହରମପୁର ନିର୍ବାଚନ ମଣ୍ଡଳୀରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସୁବ୍ରତ ମୈତ୍ରଙ୍କ ଠାରୁ ପଛୁଆ ଥିବା ଜଣାପଡ଼ିଛି ।

ଆସାମରେ ବିଜେପି ତୃତୀୟଥର ଲାଗି କ୍ଷମତା ହାସଲ ନିମନ୍ତେ ଏକ ଐତିହାସିକ ବିଜୟ ଦିଗରେ ଅଗ୍ରଗତି କରୁଥିବା ଜଣାଯାଇଛି । ମୋଟ୍ ୧୨୬ଟି ବିଧାନସଭା ଆସନ ମଧ୍ୟରୁ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇଥିବା

୧୦୧ଟି ଆସନରୁ ବିଜେପି ୭୩ଟି ହାସଲ କରିଛି । ଏଥିସହିତ ଏହାର ମେଣ୍ଟ ଦଳ ଆସାମ ଗଣପରିଷଦ ୬ଟିରେ ବିଜୟ ହୋଇଥିବା ବେଳେ ୮ଟି ସିଟ୍ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ହାତେଇଛି ।

ଅନ୍ୟ ପକ୍ଷରେ କଂଗ୍ରେସ୍‌କୁ ୭ଟି, ଏ.ଆଇ.ୟୁ.ଡି.ଏଫ୍., ରାଇଜରଦଲ ଏବଂ ଟି.ଏମ୍.ସି.କୁ ଗୋଟିଏ ଲେଖାଏଁ ସିଟ୍ ମିଳିଛି । ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀ ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇଙ୍କୁ ଜୋରହାଟ୍ ଆସନରେ  ପରାସ୍ତ କରିଛନ୍ତି । ଏହାଛଡ଼ା ବିଜେପି ୯ଟିରେ ଆଗୁଆ ଥିବା ବେଳେ ଏହାର ସହଯୋଗୀ ଦଳ ଏ.ଜି.ପି. ୩ଟିରେ ଓ ବି.ପି.ଏଫ୍. ଦୁଇଟିରେ ଆଗୁଆ ଥିବା ଜଣାପଡ଼ିଛି ।

କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. କେରଳମ୍‌ର ମୋଟ୍ ୧୪୦ଟି ବିଧାନସଭା ଆସନରୁ ମଧ୍ୟରୁ ୯୯ଟିରେ ବିଜୟ ଲାଭ କରିଛି । ମୁଖ୍ୟମନ୍ତ୍ରୀ ତଥା ସି.ପି.ଆଇ.ଏମ୍. ନେତା ପିନାରାଇ ବିଜୟନ ଧର୍ମଦାମ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ତାଙ୍କ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଭି.ପି. ଅବଦୁଲ୍ ରସିଦ୍‌ଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ରାଜ୍ୟସଭାପତି ରାଜୀବ ଚନ୍ଦ୍ର ଶେଖର ନେମମ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪ ହଜାରରୁ ଅଧିକ ଭୋଟ୍‌ରେ ସି.ପି.ଆଇ.ଏମ୍.  ନେତା ଭି. ସିଭାଙ୍କକୁଟିଙ୍କୁ ପରାସ୍ତ କରିଛନ୍ତି ।

ତାମିଲନାଡୁରେ ବିଶିଷ୍ଟ ଅଭିନେତା ବିଜୟଙ୍କ ନେତୃତ୍ୱାଧିନ ଟି.ଭି.କେ. ରାଜ୍ୟ ବିଧାନସଭା ନିର୍ବାଚନରେ ଏକକ ଦଳ ଭାବେ ସଫଳତା ହାସଲ କରିଛି । ମିଳିଥିବା ସୂଚନା ଅନୁଯାୟୀ ମୋଟ୍ ୨୩୪ଟି  ଆସନ ମଧ୍ୟରୁ ଟି.ଭି.କେ. ୭୫ଟିରେ ଆଗୁଆ ଥିବା ବେଳେ ୩୩ଟିରେ ବିଜୟ ହାସଲ କରିଛି । ସେହିଭଳି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧିନ ଡି.ଏମ୍.କେ. ୪୯ଟିରେ ଆଗୁଆ ରହିଥିବା ବେଳେ ୯ଟି ଆସନ ହାସଲ କରିଛି । ଅନ୍ୟ ପକ୍ଷରେ ଏ.ଆଇ.ଏ.ଡି.ଏମ୍.କେ. ୬ଟି ଆସନ ମିଳିଥିବା ବେଳେ ୪୦ଟିରେ ଆଗୁଆ ଥିବା ଜଣାପଡ଼ିଛି ।

ପୁଡୁଚେରୀରେ ଏନ୍. ରଙ୍ଗାସ୍ୱାମୀଙ୍କ ଏ.ଆଇ.ଏନ୍.ଆର୍.ସି. ନେତୃତ୍ୱାଧୀନ ଏନ୍.ଡି.ଏ. ପୁନଶ୍ଚ କ୍ଷମତାକୁ ଫେରିବାର ଆଶା କରାଯାଉଛି । ଏହି କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୩୦ଟି ବିଧାନସଭା ଆସନ ମଧ୍ୟରୁ  ଏ.ଆଇ.ଏନ୍.ଆର୍.ସି.କୁ ୯ଟି ଆସନ ମିଳିଥିବା ବେଳେ ୨ଟିରେ ଆଗୁଆ ରହିଛି । ସେହିଭଳି ବିଜେପି ୨ଟି ଆସନରେ ବିଜୟୀ ହୋଇ ଅନ୍ୟ ୨ଟିରେ ଆଗୁଆ ରହିଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ଏ.ଆଇ.ଡି.ଏମ୍.କେ. ଏବଂ କଂଗ୍ରେସ ଗୋଟିଏ ଲେଖାଏଁ ଆସନରେ ଆଗୁଆ ରହିଛନ୍ତି ।

## ପିଏମ୍-ବିଜେପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧିନ କରିବେ । ସମ୍ପ୍ରତି ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନରେ ବିଜେପିର ସଫଳତା ପରିପ୍ରେକ୍ଷିରେ ଶ୍ରୀ ମୋଦୀ ଏହି ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି । ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଦଳର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଅଛନ୍ତି ।

## ମୋଦୀ-ପଶ୍ଚିମବଙ୍ଗ

୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଜନଶକ୍ତିର ବିଜୟ ହୋଇଛି ଏବଂ ବିଜେପିର ସୁ-ଶାସନ ତଥା ଜନକଲ୍ୟାଣକାରୀ ନୀତିକୁ ରାଜ୍ୟବାସୀ ଆପଣାଇଛନ୍ତି । ଏଥିଲାଗି ପଶ୍ଚିମବଙ୍ଗ ଜନସାଧାରଣଙ୍କ ପ୍ରତି ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି, ଏହି ନିର୍ବାଚନରେ ରାଜ୍ୟବାସୀ ବିଜେପିକୁ ବିପୁଳ ସମର୍ଥନ ଦେଇଛନ୍ତି । ଆଗାମୀ ଦିନରେ ସେମାନଙ୍କର ସମସ୍ତ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ ବିଜେପି

ସମସ୍ତ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସମାଜର ସମସ୍ତ ବର୍ଗଙ୍କର ସମ୍ମାନ ବଜାୟ ରଖିବା ସହିତ ସୁଯୋଗ ପ୍ରଦାନ ଦିଗରେ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ତେବେ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀମାନଙ୍କର ଅକ୍ଲାନ୍ତ ପରିଶ୍ରମ ବିନା ଏହା ସମ୍ଭବ ହୋଇପାରି ନଥାନ୍ତା ବୋଲି କହିବା ସହ ଆଗାମୀ ଦିନରେ ବିଜେପି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେଭଳି ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବାକୁ ଶ୍ରୀମୋଦୀ ଆହ୍ୱାନ ଦେଇଛନ୍ତି ।

## ରାଜନାଥ-ବିଜେପି

ପଶ୍ଚିମବଙ୍ଗରେ ବିଜେପିକୁ ଏକ ଐତିହାସିକ ଜନାଦେଶ ମିଳିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ସମ୍ପ୍ରତି ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ବିଜେପିର ସ୍ୱଚ୍ଛ ରାଜନୀତି, ସୁ-ଶାସନ ଏବଂ ସାମଗ୍ରୀକ ବିକାଶ ଲାଗି ପଦକ୍ଷେପ ଯୋଗୁଁ ଏହି ଜନାଦେଶ ପ୍ରାପ୍ତ ହୋଇଛି । ପଶ୍ଚିମବଙ୍ଗବାସୀ ଶାନ୍ତି, ସମୃଦ୍ଧି ଓ ପ୍ରଗତିର ପଥ ଆପଣାଇଛନ୍ତି ବୋଲି ସେ କହିଛନ୍ତି ।

ରାଜ୍ୟରେ ବିଜେପିର ଏହି ସଫଳତାକୁ ବିଶ୍ୱାସର ବିଜୟ ଭାବେ ଅଭିହିତ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ

ନେତୃତ୍ୱ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଶ୍ରୀ ସିଂହ କହିଛନ୍ତି । ଏଥିସହିତ ପ୍ରତିରକ୍ଷା ମନ୍ତ୍ରୀ ଏହି ଐତିହାସିକ ବିଜୟ' ରାଜ୍ୟର ଦଳୀୟ କର୍ମକର୍ତ୍ତା ତଥା କର୍ମୀମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ହାସଲ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି ।

ସେହିଭଳି ଆସାମରେ ଏନ୍.ଡି.ଏ. ଓ ବିଜେପିକୁ ତୃତୀୟ ଥର ଲାଗି କ୍ଷମତାସୀନ କରିଥିବାରୁ ସେ ଆସାମବାସୀଙ୍କୁ ଧନ୍ୟବାଦ ଦେବା ସହିତ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ତାଙ୍କ ସରକାରଙ୍କ ସଫଳ କାର୍ଯ୍ୟ ନୀତି ଲାଗି ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି । ଏତଦ୍‌ବ୍ୟତୀତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ମଧ୍ୟ ଏହି ନିର୍ବାଚନରେ ଏନ୍.ଡି.ଏ. ପ୍ରତି ବିଶ୍ୱାସ ବ୍ୟକ୍ତ କରାଯାଇଥିବାରୁ ଶ୍ରୀ ସିଂହ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଶାହା-ପଶ୍ଚିମବଙ୍ଗ

ବିଜେପିର କର୍ମକର୍ତ୍ତା ତଥା କର୍ମୀମାନଙ୍କର ତ୍ୟାଗ, ସଂଘର୍ଷ ଓ ବଳିଦାନ ବିନା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏହି ଐତିହାସିକ ବିଜୟ ସମ୍ଭବ ହୋଇପାରିନଥାନ୍ତା ବୋଲି ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ରାଜ୍ୟର ବିଭିନ୍ନ ହିଂସା କାର୍ଯ୍ୟକଳାପରେ ପ୍ରଭାବିତ ପରିବାରଙ୍କର ଧୈର୍ଯ୍ୟର ଏହା ବିଜୟ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ।

## ଗଡ଼କରୀ-ବିଜେପି

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିଜୟକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରତ୍ୟେକ ଦଳୀୟ କର୍ମୀଙ୍କ ଲାଗି ଏକ ଭାବାବେଗର ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ ଏହି ଐତିହାସିକ ବିଜୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ନିର୍ବାଚନରେ ପଶ୍ଚିମବଙ୍ଗର ଜନସାଧାରଣ ବିଜେପିର ସୁ-ଶାସନ ପ୍ରତି ବିଶ୍ୱାସ ପ୍ରତିପାଦନ କରିଥିବାରୁ ଶ୍ରୀ ଗଡ଼କରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସେଠାରେ ଦଶନ୍ଧି ଦଶନ୍ଧି ଧରି ତୃଣମୂଳ ସ୍ତରରେ ଚାଲିଥିବା ବିଭିନ୍ନ ଗୁଣ୍ଡାରାଜ ତଥା ଭୋଟ୍ ବ୍ୟାଙ୍କ୍ ରାଜନୀତି ସମାପ୍ତ ହୋଇପାରିଛି ବୋଲି ଶ୍ରୀଗଡ଼କରୀ କହିଛନ୍ତି ।

## ରାହୁଲ ଗାନ୍ଧି-କେରଳମ୍

କେରଳମ୍ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସଫଳତା ମିଳିଥିବାରୁ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି ରାଜ୍ୟବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗାନ୍ଧି ୟୁ.ଡି.ଏଫ୍.ର ପ୍ରତ୍ୟେକ କର୍ମକର୍ତ୍ତା ଓ କର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ

ସେମାନଙ୍କର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି ।

## ଗୋୟଲ୍-ଏଲ୍‌ଡିପି ଡେଲିଗେସନ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ଜାପାନର ସାଂସଦ ତଥା ଏଲ୍.ଡି.ପି.ର ନୀତି ଗବେଷଣା ପରିଷଦର ଅଧ୍ୟକ୍ଷ ଟାଗାୟୋକି ଓବାୟାସୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଭାରତ-ଜାପାନ ଅର୍ଥନୈତିକ ସମ୍ପର୍କକୁ ଅଧିକ ସଶକ୍ତ କରିବା, ଏମ୍.ଏସ୍.ଏମ୍.ଇ. ଭାଗିଦାରୀକୁ ବୃଦ୍ଧି କରିବା ତଥା ଅଟୋମୋବାଇଲ୍, ଭିତ୍ତିଭୂମି, ଔଷଧ ଭଳି ପ୍ରମୁଖ କ୍ଷେତ୍ରରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଛି । ଭାରତରୁ ଜାପାନକୁ ବିଭିନ୍ନ ସାମଗ୍ରୀର ରପ୍ତାନୀ ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିବା ଦିଗରେ ଭାରତ ପ୍ରତିବଦ୍ଧ । ଏତଦ୍ ବ୍ୟତୀତ ଭାରତ-ପ୍ରଶାନ୍ତ ମହାସାଗର ଅର୍ଥନୈତିକ ସହଯୋଗ ଢାଞ୍ଚାରେ ଦୁଇ ଦେଶ ଏହି ପ୍ରକ୍ରିୟାକୁ ଆଗକୁ ନେବା ଦିଗରେ ମିଳିତ ପ୍ରୟାସ କରିବେ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟ ପରେ ମୁମ୍ବାଇର ଓ୍ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ।  ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।